ରିପେୟାର ସପ ଇଲେକଟ୍ରିକାଲ ବିଭାଗର ଉଦ୍ୟମୀ ପ୍ରୟାସ ଦ୍ୱାରା ସେଲ, ଆରଏସପିର ବିପୁଳ ସଞ୍ଚୟ

ରାଉରକେଲା, ୨୯/୦୪(ଶ୍ରୁ.ମି.) : ସେଲ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ର ରିପେୟାର ସପ ଇଲେକଟ୍ରିକାଲ ବିଭାଗ ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ବୈଷୟିକ ନବସୃଜନ, ଆଭ୍ୟନ୍ତରୀଣ ଦକ୍ଷତା ଏବଂ ଉତ୍କୃଷ୍ଟ କାର୍ଯ୍ୟନିପୁଣତା ଦିଗରେ ପ୍ରତିବଦ୍ଧତା ଆଧାରରେ ବହୁ ଉଦ୍ୟୋଗୀ କାର୍ଯ୍ୟ ସଫଳତାର ସହିତ କାର୍ଯ୍ୟକାରୀ କରିଛି ଯାହା କାରଖାନା ପାଇଁ ବିପୁଳ ସଞ୍ଚୟ ଆଣିପାରିଛି। ଏହି ପ୍ରୟାସଗୁଡ଼ିକ ଉତ୍ପାଦନ ଖର୍ଚ୍ଚ ହ୍ରାସ ଓ ମୂଲ୍ୟ ନିପୁଣତା ହାସଲ ପୂର୍ବକ ଇସ୍ପାତ ଉଦ୍ୟୋଗରେ ପ୍ରତିଦ୍ୱନ୍ଦିତାମୂଳକତା ବଜାୟ ରଖିବା ପାଇଁ ଆରଏସପିର ରଣନୀତିକ ଧ୍ୟାନ ଅନୁରୂପ ହୋଇଛି।

ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ସଫଳତାରେ, ଆରଏସପି ତଥା ସମଗ୍ର ସେଲରେ ପ୍ରଥମ ଥର ପାଇଁ କରୋନା ପ୍ରତିରୋଧି ୱାୟର ଏବଂ ଡିପ୍ ବାର୍ନିସ୍ ଇମ୍ପ୍ରେଗ୍ନେସନ୍ (ଭି ପି ଆଇ) ପ୍ରୟୋଗ କରି ରୋଲର ଟେବୁଲ୍ ଭି ଏଫ ଡି-ଭି ପି ଆଇ ଗ୍ରେଡ୍ ଅଫ୍ ହଟ୍ ଷ୍ଟ୍ରିପ୍ ମିଲ୍ ୨ର ନିର୍ଭରଯୋଗ୍ୟତା ଏବଂ ଏହାର ସ୍ଥାୟୀତ୍ୱକୁ ସଫଳତାର ସହିତ ବୃଦ୍ଧି କରିଛି। ଏହି ଅଗ୍ରଣୀ ପଦକ୍ଷେପ ୩.୫ କୋଟି ଟଙ୍କାର ଖର୍ଚ୍ଚ ସଞ୍ଚୟ କରିଛି, ଯାହା ପ୍ରତିଷେଦ୍ଧମୂଳକ ରକ୍ଷଣାବେକ୍ଷଣ ଏବଂ ଉପକରଣ ଆୟୁ ବୃଦ୍ଧି ଦିଗରେ ଆଉ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି।

ଏତଦବ୍ୟତୀତ ଅନ୍ୟ ଏକ ଜଟିଳ ଅପରେସନ ଜନିତ ଚାହିଦା ପୂରଣ କରି ଆର ଏସ(ଇ) ବିଭାଗୀୟ ଦଳ ମାତ୍ର ୧୦ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଆଇ ୧ ଏମ ଭି ଏ, ୧୧/୦.୪୩୩ କେ ଭି ଏ ଇ ଜି ମେକ୍ ଟ୍ରାନ୍ସଫର୍ମରର ନିଜସ୍ୱ ସମ୍ବଳରେ ମରାମତି ଏବଂ ପୁନଃସ୍ଥାପନ ମଧ୍ୟ କରିଥିଲା, ଯାହା ଟାଉନ୍ ଇଞ୍ଜିନିୟରିଂ ବିଭାଗର ଏକ ଜରୁରୀକାଳୀନ ଆବଶ୍ୟକତାକୁ ପୂରଣ କରିପାରିଥିଲା। ଏହି ସମାୟାନୁବର୍ତ୍ତୀ କାର୍ଯ୍ୟ ନା କେବଳ ଏକ ସମ୍ଭାବ୍ୟ ଜରୁରୀକାଳୀନ ସ୍ଥିତିକୁ ଏଡାଇ ଥିଲା ବରଂ ପ୍ରାୟ ୧.୫୦ କୋଟି ଟଙ୍କାର ପ୍ରତ୍ୟକ୍ଷ ସଞ୍ଚୟ ମଧ୍ୟ ସାଧନ କରିଥିଲା।

ସେହିଭଳି ନୂତନ ପ୍ଲେଟ୍ ମିଲ୍ ବିଭାଗ ମଧ୍ୟ ୩.୫ ମେଗା ୱାଟ, ୧୧ କେଭି, ୧୪୯୩ ଆର ପି ଏମ ଟି ପି ସି ୬୩୦ ଏଚ ସି ଜି ଏଲ ଡି-ସ୍କେଲିଂ ପମ୍ପ ୩ ମୋଟରର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ହାସଲ କରିଥିଲା, ଯାହା ନିରବଚ୍ଛିନ୍ନ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହି ଜଟିଳ ମରାମତି କାର୍ଯ୍ୟ ଯତ୍ନ ସହକାରେ ସମ୍ପାଦିତ ହୋଇଥିଲା ଯାହା, ଉପକରଣର ଉଚ୍ଚମାନକୁ ସୁନିଶ୍ଚିତ କରିବା ସହ ପ୍ରାୟ ୭୦ ଲକ୍ଷ ଟଙ୍କାର ସଞ୍ଚୟରେ ସହାୟକ ହୋଇଥିଲା। ଆରଏସଇ ସାମୁଦାୟିକଙ୍କ ଦ୍ୱାରା ସିଣ୍ଟରିଂ ପ୍ଲାଣ୍ଟ-୩ ନୋଡୁଲାଇଜର ଆଜିଟେଟର୍ ୨୦୦ କିଲୋୱାଟ ପାର୍ମାନେଣ୍ଟ ମାଗନେଟ ସିଙ୍କ୍ରୋନାସ୍ ମୋଟରର ପୁନରୁଦ୍ଧାର ମଧ୍ୟ ପ୍ରାୟ ୮୫ ଲକ୍ଷ ଟଙ୍କାର ସଞ୍ଚୟ ଆଣିଦେଇଛି।

ଏହି ସଫଳତାଗୁଡ଼ିକ ନବସୃଜନ, ମୂଲ୍ୟ ଅନୁକୂଳତା ସହ ନିଜସ୍ୱ ସମ୍ବଳ ବିନିଯୋଗ କରି କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ରିପେୟାର ସପ (ଇଲେକଟ୍ରିକାଲ) ସାମୁଦାୟିକଙ୍କ ଧ୍ୟାନକୁ ପ୍ରତିଫଳିତ କରୁଛି ଯାହା ଉଦ୍ୟୋଗ ଜଗତରେ ଆରଏସପିକୁ ଏହାର ସ୍ଥିତିକୁ ଆହୁରି ମଜବୁତ କରିବାରେ ସହାୟତା ପ୍ରଦାନ କରୁଛି।

ଗୋଟିଏ ସପ୍ତାହରେ ଭଦ୍ରକ ପୋଲିସର ଜୋରଦାର ଚଢ଼ାଉ

ଭଦ୍ରକ, ୨୯।୪(ଶ୍ରୁ.ମି.) : ଭଦ୍ରକ ସହରାଂଚଳ ଥାନା , ପୁରୁଣା ବଜାର ଥାନା ଓ ଗ୍ରାମାଂଚଳ ଥାନା ଅଧୀନ ଅଂଚଳ ରେ ସିଟି ଡିଏସପି ସମ୍ବିତ ମାଝୀଙ୍କ ନେତୃତ୍ୱ ରେ ଜୋରଦାର ଚଢ଼ାଉ କରାଯାଇଛି। ତେବେ ବିଗତ ସପ୍ତାହ ରେ ପୋଲିସ ଚୋରା କୋଇଲା , ବ୍ରାଉନ ଶୁଗାର , ବେଆଇନ ଗୋଚାଲାଣ ଉପରେ ଆକ୍ସନ ନେଉଛି ପୋଲିସ । ତେବେ ଗୋଟିଏ ସପ୍ତାହ ରେ ଭଦ୍ରକ ପୋଲିସ ଚୋରା କୋଇଲା ଚାଲାଣ ଉପରେ ନଜର ରଖିବା ସହ ବିଭିନ୍ନ ଅଂଚଳ ରେ ଚଢ଼ାଉ କରି ୫ ଟି ଚୋରା କୋଇଲା ବୋଝେଇ ଟ୍ରକ୍ , ୨ ଟି ପୀକଅପ୍ ଜବତ୍ କରିବା ଶାଗ ୪ ଟି ମାମଲା ରୁଜୁ କରିଛି । ସମାନ ଭାବେ ୩ ଦିନ ରେ ୫ ବେଆଇନ ଗୋରୁ ଗାଡ଼ି ଜବତ୍ ସହ ୪୫ ରୁ ଅଧିକ ଗୋମାତାଙ୍କୁ ଉଦ୍ଧାର କରାଯାଇଛି। ସହର ରେ ୫ ଟି ବ୍ରାଉନ ସୁଗର୍ କେସ ଥାନା ସହ ୫ ଜଣ ଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଭଦ୍ରକ ପୋଲିସ ସବୁ ବେଳେ ଭଦ୍ରକବାସିଙ୍କ ସୁରକ୍ଷା ପାଇଁ ରହିଛନ୍ତି ଓ ପୋଲିସ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ କାର୍ଯ୍ୟରତ ଅଛି। ତେବେ ବେଆଇନ ଓ ଚୋରା କୋଇଲା, ଜର୍ଦା ଓ ବ୍ରାଉନ ଶୁଗର ଚାଲାଣ ଉପରେ ପୋଲିସ ଚଢ଼ାଉ ଜାରି ରଖିବ ବୋଲି ସିଟି ଡିଏସପି କହିଚନ୍ତି ତାଙ୍କ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି।

ଓଡ଼ିଶା, ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସାମଗ୍ରିକ କୃଷି ରୂପାନ୍ତରଣ ପାଇଁ ଐତିହାସିକ ସହଭାଗିତା ଗଠନ

ରାଜ୍ୟର ଚାଷୀମାନଙ୍କୁ ଲାଭ ପହଂଚାଉଥିବା ଜ୍ଞାନ, ନବସୃଜନ ଏବଂ ସହଭାଗିତାରେ ନିବେଶ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ : କେ ଭି ସିଂହଦେଓ

ଭୁବନେଶ୍ୱର, ୨୯/୪(ଶ୍ରୁ.ମି.) : ସୁସ୍ଥାୟୀ କୃଷି ନିମନ୍ତେ ଏକ ଐତିହାସିକ ବିକାଶ ଜନିତ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ଆଜି ରାଜ୍ୟର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କୃଷିକୁ ସାମଗ୍ରିକ ରୂପାନ୍ତରଣ କରିବା ଦିଗରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା କୃତ୍ରିମ ବୁଦ୍ଧିମତା, ଜଳବାୟୁ ଅନୁକୂଳ ଆନୁଷଙ୍ଗିକ କୃଷି ଏବଂ ଯଥା ଯଥ କୃଷି ପଦ୍ଧତି ଦ୍ୱାରା କୃଷି, ମତ୍ସ୍ୟ ଓ ଗୋପାଳନର ଉତ୍ପାଦକତା ବୃଦ୍ଧି ଘଟି ପାରିବ।

କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆନୀତ ଏହି ଦୀର୍ଘକାଳୀନ ସହଭାଗିତା, ଗବେଷଣା,ବୈଷୟିକ ସହାୟତା ଏବଂ ଜଳବାୟୁ ଅନୁକୂଳ କୃଷିକୁ ରାଜ୍ୟରେ ପ୍ରୋତ୍ସାହିତ କରିବ । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ ଗେଟ୍ସ ଫାଉଣ୍ଡେସନ ସହିତ ବୁଝାମଣାପତ୍ର ଓଡ଼ିଶାକୁ ଭବିଷ୍ୟତ କୃଷିର ଉତ୍ଥାନ ନିମନ୍ତେ ପ୍ରସ୍ତୁତ କରିବ। ରାଜ୍ୟର ଚାଷୀମାନଙ୍କୁ ଲାଭ ପହଞ୍ଚାଉଥିବା ଜ୍ଞାନ, ନବସୃଜନ ଏବଂ ସହଭାଗିତାରେ ନିବେଶ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ।

ଅଲକେଶ ୱାଧୱାନୀ, ନିର୍ଦ୍ଦେଶକ, ଦାରିଦ୍ର୍ୟତା ହ୍ରାସ ବିଭାଗ, ଗେଟ୍ସ ଫାଉଣ୍ଡେସନ କହିଲେ ଯେ, ଓଡ଼ିଶା ସହ ସହଭାଗିତାରେ କାର୍ଯ୍ୟ କରି ଆମେ ଖୁସି, ବିଶେଷକରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ । ଏହି ସହଭାଗିତାକୁ ଆଗକୁ ବଢାଇବାକୁ ଆମେ ଉତ୍ସୁକ। ଫାଉଣ୍ଡେସନ ଓଡିଶାରେ କୃଷି ସହନଶୀଳ ପଦ୍ଧତିକୁ ଆଧାର କରି ପ୍ରଚଳିତ ବୈଷୟିକ ଜ୍ଞାନର ସଂଗ୍ରହ ସହିତ ଏହା କିପରି କୃଷକ ମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ ଏବଂ ରାଜ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ସହିତ ନବସୃଜନକୁ ପ୍ରୋତ୍ସାହିତ କରିବ, ସେ ଦିଗରେ ଯଥା ସମ୍ଭବ ପ୍ରଚେଷ୍ଟା କରିବ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସ୍ୱାକ୍ଷରିତ ଏହି ବୁଝାମଣା ପତ୍ର ମାଧ୍ୟମରେ ଜଳବାୟୁ ଅନୁକୂଳ କୃଷି ସହଭାଗିତା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି। ଜଳବାୟୁ ଅନୁକୂଳ କୃଷି ସହଭାଗିତା ଚୁକ୍ତି ବିଭିନ୍ନ ସରକାରୀ ସଂସ୍ଥା, ଗବେଷଣା ପ୍ରତିଷ୍ଠାନ, ନାଗରିକ ସମାଜ ଏବଂ ବେସରକାରୀ ଅନୁଷ୍ଠାନ ଏବଂ କୃଷକ ସଂଘମାନଙ୍କୁ ଏକତ୍ର କରି ଜଳବାୟୁ ଅନୁକୂଳ କୃଷି ଆପଣେଇବା ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସହଯୋଗୀ ପ୍ଲାଟଫର୍ମ ଯୋଗାଇ ଦେବ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନୀତି ଅଧ୍ୟୟନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ଓଡ଼ିଶାରେ ଜଳବାୟୁ ଅନୁକୂଳ କୃଷି ଓ ଜିଲ୍ଲାଗୁଡ଼ିକର ତଥ୍ୟ ସମ୍ବଳିତ ପ୍ରାଥମିକତା' ଉପରେ ଏକ ସ୍କୋପିଂ ରିପୋର୍ଟ ଉନ୍ମୋଚନ ହୋଇଥିଲା । ଏହି ରିପୋର୍ଟରେ ଜିଲ୍ଲାୱାରୀ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ମୂଲ୍ୟାୟନ, ବିଭିନ୍ନ ଉତ୍ସର ବ୍ୟବହାର, କୃଷି କ୍ଷେତ୍ରରୁ ସବୁଜ ଗ୍ୟାସ ନିର୍ଗମନ ସହ ଜିଲ୍ଲାୱାରୀ ଜଳବାୟୁ ଅନୁକୂଳ କୃଷି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ଦ୍ୱାରା 'ପଡିଆ ଜମିର ରୂପାନ୍ତରଣ - ଓଡ଼ିଶାରେ ବ୍ୟାପକ ଧାନ ଅମଳ ପରବର୍ତ୍ତୀ ପଡିଆ ଜମିର ପରିଚାଳନା କାର୍ଯ୍ୟକ୍ରମର ପ୍ରଭାବ ମୂଲ୍ୟାୟନ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା। ଧାନ ଅମଳ ପରବର୍ତ୍ତୀ ପଡିଆ ଜମିର ପରିଚାଳନା ଫଳରେ ଡାଲି ଓ ତୈଳଜାତୀୟ ଫସଲ ବ୍ୟାପକୀକରଣ ହୋଇପାରିଛି। ମୂଲ୍ୟାୟନ ମାଧ୍ୟମରେ ଯୋଜନାର ଉପାଦେୟତା, ଜମିର ବ୍ୟବହାରିତା ଓ ଉତ୍ପାଦକତା ବୃଦ୍ଧି ଇତ୍ୟାଦିକୁ ପ୍ରମାଣ କରିବା ସହ ଯୋଜନା ପ୍ରଣୟନରେ ତଥ୍ୟର ଆବଶ୍ୟକତାକୁ ପ୍ରତିପାଦନ କରୁଛି। ଏହି ଅବସରରେ ଓଡିଶା କୃଷି ପରିସଂଖ୍ୟାନ ପୁସ୍ତକ ୨୦୨୩-୨୪ ମଧ୍ୟ ଉନ୍ମୋଚନ କରାଯାଇଛି ଯାହାକି ରାଜ୍ୟର କୃଷି କ୍ଷେତ୍ରରେ ପ୍ରଣୟନ ସମସ୍ତ ଯୋଜନାର ପ୍ରତିଫଳନ କରିବା ସହ ପରିସଂଖ୍ୟାନ ସୂଚନା ଦ୍ୱାରା ଯୋଜନା ପ୍ରଣୟନକୁ ସୁଦୃଢ କରିବ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ବୁଝାମଣା ପତ୍ର ସ୍ୱାକ୍ଷର ଦ୍ୱାରା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଜ୍ଞାନ ଓ ତଥ୍ୟ ସମ୍ବଳିତ ଯୋଜନା ପ୍ରଣୟନ ଦିଗରେ ସହାୟକ ହେବ ବୋଲି କହିଛନ୍ତି ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ, ଡକ୍ଟର ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ, ଏହି ପଦକ୍ଷେପ ବିଜ୍ଞାନ, ନୀତି ଏବଂ ସହଭାଗୀତାର ଏକ ଅନନ୍ୟ ସମନ୍ୱୟ। ଏହି ବୁଝାମଣା ପତ୍ର ଏକ ଦୀର୍ଘକାଳୀନ ସହଭାଗିତା ମାଧ୍ୟମରେ ଆନ୍ତର୍ଜାତୀୟ ଉତ୍ତମ ଅଭ୍ୟାସ ଗୁଡିକୁ ଏକ ଡିଜିଟାଇଜଡ୍ ପ୍ଲାଟଫର୍ମ ଦ୍ୱାରା ଆମ ରାଜ୍ୟରେ ପ୍ରଚଳନ କରାଯାଇପାରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ପତ୍ର ରାଜ୍ୟରେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ କୃଷକ ମାନଙ୍କୁ ଡିଜିଟାଲ ସେବା ଯୋଗାଇବା, ରପ୍ତାନି ବୃଦ୍ଧି ସହ ବଜାର ସଂଯୋଗୀକରଣ, ଫସଲ ବିବିଧିକରଣ, ଉନ୍ନତ ଗୋ-ସମ୍ପଦର ବିକାଶ ହେବା ସହ ଲିଙ୍ଗଗତ ସମାନତା ଓ କୃଷି କ୍ଷେତ୍ରରେ ସହନଶୀଳତା ବୃଦ୍ଧିରେ ସାହାଯ୍ୟ କରିବ।

କରଣପଦର ଗ୍ରାମ ଠାରେ ପେଣ୍ଡ୍ରାଣୀ ମା ଙ୍କ ମନ୍ଦିର ପ୍ରତିଷ୍ଠା

ରାଇଘର, ୨୯/୦୪(ଶ୍ରୁ.ମି.) : ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ରାଇଘର ପଞ୍ଚାୟତ ଅନ୍ତର୍ଗତ କରଣପଦର ଗ୍ରାମ ଠାରେ ଚୌଧରୀ ପରିବାର ଏବଂ କରଣପଦର ର ଗ୍ରାମବାସୀଙ୍କ ପକ୍ଷରୁ ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ପୀତୃ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ଚୌଧରୀ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଦେବାଦେବୀଙ୍କ ପୂଜାର୍ଚ୍ଚନା ଯଥାବିଧି ଅନୁସାରେ କରାଯଇଥିଲା। ଉକ୍ତ ପେଣ୍ଡ୍ରାଣୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରଭାସ ଗଣ୍ଡ, ଉପ ସଭାପତି ରମେଶ ଗଣ୍ଡ, ସମ୍ପାଦକ କୁନା ଗଣ୍ଡଙ୍କ ପ୍ରମୁଖ ଭୂମିକା ରହିଥିବାବେଳେ ପେଣ୍ଡ୍ରାଣୀ ପୂଜାରୀ ପଦିଆ ଗଣ୍ଡ, ଯତୀନ୍ଦ୍ର ନାଥ ଗଣ୍ଡ, ମୋତିଲାଲ ଗଣ୍ଡ, ସିଙ୍ଗଲ ଗଣ୍ଡ, ରାମସିଂ ଗଣ୍ଡ, ତିଳକ ଗଣ୍ଡ, ଛବିଲାଲ ଗଣ୍ଡ, ପରମଜିତ ଗଣ୍ଡ, (ମିସ୍ତ୍ରୀ-କାର୍ତ୍ତିକ ଗଣ୍ଡ, ଶୁକନାଥ ଗଣ୍ଡ, ଧରମୁ ଗଣ୍ଡ, ଜଗେଶ ଗଣ୍ଡ)(ପୂଜାରୀ - ନାଅଲ ଗଣ୍ଡ, ଚଇତୁ ଗଣ୍ଡ, ରାମଗିରି ଗଣ୍ଡ, ହେମଲାଲ ଗଣ୍ଡ)(ଦିଶାରୀ- ସୋନାସିଂ ଗଉଡ଼, ଶୁକମାନ ଗଣ୍ଡ, ଦେଓନାଥ ପନକା, କେଶନାଥ ଗଣ୍ଡ, ଜୟବଳ ଲୋହରା, ଅମର ସିଂ ଗଉଡ଼,) ସରପଞ୍ଚ ଲମ୍ବୋଦର ମାଝୀ, ଗାଉଁଟିଆ ରାମ ବିଳାଶ ଗଣ୍ଡ, ମେମ୍ବର ଶୁକରାମ ଗଣ୍ଡ, କାଠମିସ୍ତ୍ରୀ ଫୁଲୁସ ରାମ ଗଣ୍ଡ, କଟୁଆଳ ଜନସୁ ହରିଜନ, ଗାଏଁଟା ରନସାୟ, ଗଣ୍ଡା ରାମ ମାଝୀଙ୍କ ସହ ଗ୍ରାମର ସମସ୍ତ ଗ୍ରାମବାସୀ ପେଣ୍ଡ୍ରାଣୀ ମାଁ ଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ସହଯୋଗ କରିଥିଲେ। ସାଧୁ ବୃନ୍ଦ -ସାଧୁ ପ୍ରକାଶ ଦାସ, ସାଧୁ ଡମ୍ବୁ ଦାସ, ସାଧୁ ଭରତ ଦାସ, ସାଧୁ ସନା ଦାସ, ସାଧୁ ଋଷି ଦାସ, ସାଧୁ ରାମାନନ୍ଦ ଦାସ, ସାଧୁ ଚନ୍ଦ୍ର ଦାସ, ସାଧୁ ଗଜାନନ ଦାସ, ସାଧୁ ରାଜେନ୍ଦ୍ର ଦାସ ଉପସ୍ଥିତ ହୋଇ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା।

ପିକପ୍ ଭ୍ୟାନ ସହିତ ୫୫ କେଜି ଗଞ୍ଜେଇ ଜବତ୍

ଆଠମଲ୍ଲିକ, ୨୫/୪(ଶ୍ରୁ.ମି.) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମହାର ଢ଼ାବା ସମ୍ମୁଖରୁ ସୋମବାର ସନ୍ଧ୍ୟା ସମୟରେ ଏକ ପିକପ୍ ଭ୍ୟାନ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ଅବକାରୀ ବିଭାଗ ମାଡି ବସିଛି। ଚଢ଼ାଉ ସମୟରେ ପିକାପ ଭ୍ୟାନରୁ ଅବକାରୀ ବିଭାଗ ୫୫ କେଜି ୭୩୦ ଗ୍ରାମ ଗଞ୍ଜେଇ ଜବତ୍ କରିଛି। ୨ ଜଣ ଚୋରା ଚାଲାଣ କାରୀଙ୍କୁ ଅବକାରୀ ବିଭାଗ ସୋମବାର କୋର୍ଟ ଚାଲାଣ କରିଛି। ଜବତ୍ ହୋଇଥିବା ପିକପ୍ ଗାଡି ନମ୍ବର (ଯେ ଏଚ୍ ୦୨ ବିଟି ୨୨୮୪)। ଚୋରା ଚାଲାଣ କାରୀ ଦ୍ୱୟ ହେଲେ ବୌଦ୍ଧ ଜିଲ୍ଲାର ବୌଦ୍ଧ ଥାନା ଅନ୍ତର୍ଗତ ଭୁକ୍ତା ପଡ଼ା ଗ୍ରାମର ଶରତ ଉର୍ମା (୨୦) ଓ ବିହାର ରାଜ୍ୟର ରୋହତାସ ଜିଲ୍ଲା ଅନ୍ତର୍ଗତ ଦର୍ଲଗଭ ଥାନାର ରାଗପୁର୍ ଗ୍ରାମର ଭାକିଲ୍ ବିନ୍ଦ୍ (୨୭)ବୋଲି ଜଣାପଡିଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ପବିତ୍ର ମୋହନ ମାଝି, ଭାରପ୍ରାପ୍ତ ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ଆଠମଲ୍ଲିକ ଅବକାରୀ ଟିମ୍ ସାମିଲ ଥିଲେ।

୩ ଲକ୍ଷ ଟଙ୍କା ସହିତ ଭିଜିଲାନସ ଜାଲରେ ପଡିଲେ ଢେଙ୍କାନାଳ ଅବକାରୀ ଏସପି

କଟକ, ୨୯/୪(ଶ୍ରୁ.ମି.) : ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ୩ ଲକ୍ଷ ଟଙ୍କା ନେଇ ଯିବା ସମୟରେ ଢେଙ୍କାନାଳ ଦେଉଳସାହି ରୋଡରେ ତାଙ୍କୁ କାବୁ କଲା ଭିଜିଲାନ୍ସ। ଏତେ ଟଙ୍କା ସେ କେଉଁଠୁ ଆଣିଲେ ଓ କୁଆଡେ ନେଇ ଯାଉଛନ୍ତି ଇତ୍ୟାଦି ବିଷୟରେ ସନ୍ତୋଷଜନକ ଜବାବ ସେ ଭିଜିଲାନସ ଅଫିସରଙ୍କୁ ଦେଇ ପାରି ନ ଥିଲେ। ପରେ ପରେ ଢେଙ୍କାନାଳ ମହାବୀର ବଜାର ସ୍ଥିତ ତାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

ସେହିଭଳି ଜଗତପୁର ସ୍ଥିତ ଘର, ଚୌଦ୍ୱାର ସ୍ଥିତ ପୈତୃକ ଘର, ଖୋର୍ଦ୍ଧା, ମହାବୀର ବଜାର ସ୍ଥିତ ସରକାରୀ ବାସଭବନ, ମହିଷାପାଟ ସ୍ଥିତ ଅବକାରୀ ଏସପି ଅଫିସରେ ମଧ୍ୟ ଚଢ଼ାଉ ଜାରି ରହିଛି। ୬ଟି ସ୍ଥାନରେ ଭିଜିଲାନସର ୬ଟି ଟିମ୍ ଏକକାଳୀନ ଚଢ଼ାଉ ଜାରି ରଖିଛି।

ତାଳଚେର ସଙ୍କୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ

ତାଳଚେର, ୨୯/୪(ଶ୍ରୁ.ମି.) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି । ତାଳଚେର ସଙ୍କୁଳ ସଂଯୋଜକ ତଥା ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳମଛୁଇଁ, ବଡଯୋରଡା, ଆମ୍ବମୁଣ୍ଡା, ତାଳଚେର, ଦେଉଳବେଡା, ବିକ୍ରମପୁର, ନୂଆଁଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭୨ଜଣ ଆଚାର୍ଯ୍ୟ, ଆଚାର୍ଯ୍ୟା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମଧ୍ୟ ସଂଭାଗର ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ବକ୍ତା ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ରୀୟ ସଂଗଠନ ସମ୍ପାଦକ ନାରାୟଣ ନାୟକ, ଅତିଥି ଭାବରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା, କୋଷାଧ୍ୟକ୍ଷ ପଂଚାନନ ବେହେରା ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କଳମଛୁଇଁ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ବକ୍ତା ଶ୍ରୀ ନାୟକ ନିଜ ଅଭିଭାଷଣରେ ଆଧ୍ୟାତ୍ମିକ ତତ୍ୱ ଭିତରେ ଶିକ୍ଷାର ମାନ ବିକାଶ କରିବା ସହ ନୈତିକ ମୂଲ୍ୟବୋଧକୁ ଜାତୀୟ ଶିକ୍ଷାନୀତିରେ ପ୍ରୟୋଗ କରି ଏକ ସୁସ୍ଥ ସମାଜ ଗଠନ କରିବା ଉପରେ ଆଲୋକପାତ କରିଥିଲେ। ଏହାସହିତ ସେ ଭାରତର ବୈଭବଶାଳୀ ସଂସ୍କୃତି, ପରମ୍ପରା ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷା ବିକାଶ ସମିତି,ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ଏହି କାର୍ଯ୍ୟଶାଳାରେ ପଂଚପଦୀ ଶିକ୍ଷଣ ବ୍ୟବସ୍ଥା ସହ ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ବନ୍ଧରେ ଆଚାର୍ଯ୍ୟ,ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମ ପରିଚାଳନାରେ ଆମ୍ବମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ମାୟାଧର ସାହୁ,ଦେଉଳବେଡା ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ବାବୁଲି ସାମଲ,ବଡ ଯୋରଡା ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ,ନୂଆ ଗାଁ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଦୀପ ଦାସ,ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଜ୍ଞାନରଞ୍ଜନ ଦାଶ ପ୍ରମୁଖ ସହଯୋଗ କରୁଛନ୍ତି । ସର୍ବଶେଷରେ କଳମଛୁଇଁ ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ମେ ମାସ ୧ତାରିଖରେ ଏହି କାର୍ଯ୍ୟଶାଳା ଉଦ୍‌ଯାପିତ ହେବ ବୋଲି ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ସୂଚନା ଦେଇଥିଲେ।

ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିସ୍ ଓ ଏଫଆଇଭିବି ଆଲୋଚନା

ଭୁବନେଶ୍ୱର, ୨୯।୪(ଶ୍ରୁ.ମି.) : କିସ୍ ଜରିଆରେ ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍-କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଆଲୋଚନା ହୋଇଛି। ଏ ସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୁଇଜରଲ୍ୟାଣ୍ଡ ସ୍ଥିତ ଏଫଆଇଭିବି ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ଏଫଆଇଭିବି ହେଉଛି ଭଲିବଲର ସର୍ବୋଚ୍ଚ ଆନ୍ତର୍ଜାତିକ ସଂଗଠନ। ଭାରତରେ ବିଶେଷ କରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ତୃଣମୂଳସ୍ତରରେ ଭଲିବଲର ପ୍ରସାର ଉପରେ ସୋମବାର ଏଫଆଇଭିବି କର୍ତ୍ତୃପକ୍ଷ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଅଚ୍ୟୁତ ସାମନ୍ତଙ୍କ ସହ ଏଫଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ସଭାପତି ଡ. ଆରି ଗ୍ରାକା, ଏଫଆଇଭିବି ସଭାପତି ଫାବିଓ ଆଜେଭେଦୋ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଷ୍ଟିଭ୍ ଟଟନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ପଦ ଛାଡ଼ିବା ପରେ ଭାରତରେ ଭଲିବଲ୍‌ର ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିବା ଏହି ଆଲୋଚନା ଅବସରରେ ଏଫଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ତେବେ ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ବିଶେଷକରି ଓଡ଼ିଶାରେ ଭଲିବଲର ପ୍ରସାର ନିମନ୍ତେ କିସ୍‌ରେ ଅନେକଗୁଡ଼ିଏ ସେଣ୍ଟର ଅଫ୍ ଏକ୍ସଲେନ୍ସ ଖୋଲାଯିବ ବୋଲି ଏଫ୍‌ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କେନ୍ଦ୍ରଗୁଡ଼ିରେ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସହିତ ଭଲିବଲ୍ କୋଚ୍ ଓ ରେଫରୀମାନଙ୍କ ପାଇଁ ଏକ ଏକାଡେମିକ୍ ପ୍ରୋଗ୍ରାମ ମଧ୍ୟ ଚାଲୁ କରାଯିବ। ଆଗାମୀ ଦିନରେ ଓଡ଼ିଶାରେ ୪ଶହ ବିଦ୍ୟାଳୟକୁ ଏହି ବିକାଶଧାରାରେ ସାମିଲ କରାଯିବ ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ୍ ଓ ନେଟ୍ ଯୋଗାଇ ଦିଆଯିବ ବୋଲି ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ବିଚ୍ ଭଲିବଲ୍‌ର ବିକାଶ ପାଇଁ ମଧ୍ୟ ଏଫ୍‌ଆଇଭିବି ପକ୍ଷରୁ ପ୍ରଶିକ୍ଷକ ଯୋଗାଇ ଦିଆଯିବ। ଏହା ସହ ପ୍ରତିବର୍ଷ ଏଫ୍‌ଆଇଭିବି କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ହୋଇଥିବା ଭଲିବଲ୍ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବ। ଏଥିରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ଏହା ଦ୍ୱାରା ଓଡ଼ିଶାରେ ଭଲିବଲ୍ ଓ ବିଚ୍ ଭଲିବଲ୍‌ର ଯଥେଷ୍ଟ ବିକାଶ ଘଟିବା ସହ ପାଇଁ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବେ।

ତେଲକୋଇ ଥାନାରେ ଆମ ପୁଲିସ ବୈଠକ ଅନୁଷ୍ଠିତ

ତେଲକୋଇ, ୨୯/୦୪(ଶ୍ରୁ.ମି.) : ତେଲକୋଇ ଥାନା ପକ୍ଷରୁ ଆଜି ଥାନା ପରିସରରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହେଇଯାଇଛି। ତେଲକୋଇ ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସଭାରେ ତେଲକୋଇର ବୁଦ୍ଧିଜୀବୀ, ଆଇନଜୀବୀ, ତେଲକୋଇ ଅଞ୍ଚଳର କେତେକ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ଦଳର ସଦସ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ସଦସ୍ୟଙ୍କୁ ଥାନା ଅଧିକାରୀ ଜନସାଧାରଣଙ୍କ ସହ ପୋଲିସର ସୁ ସମ୍ପର୍କ, ସରକାରଙ୍କ ବହୁ ନୂଆ ଆଇନ, ସାଇବର ସଚେତନତା ଉପରେ ଆଲୋଚନା କରିଥିଲେ। ସେହିପରି ବଜାର ଅଞ୍ଚଳ ରେ ଟ୍ରାଫିକ ସମସ୍ୟା, ରାତିରେ ପେଟ୍ରୋଲିଂ, ଆଇରନ ଟ୍ରକ ଚଳାଚଳ, ଗାଁ ଗାଁରେ ମଦ ବିକ୍ରି ବନ୍ଦ କରିବା ଆଦି ଆଲୋଚନା ହୋଇଥିଲା।

ଆରଏସପିର ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ମଇ ୭ରୁ ୨୭ ତାରିଖ ପର୍ଯ୍ୟନ୍ତ

ରାଉରକେଲା, ୨୯/୦୪(ଶ୍ରୁ.ମି.) : ରାଉରକେଲା ଇସ୍ପାତ କାରଖାନାର କ୍ରୀଡା ବିଭାଗ ଆନୁକୁଲ୍ୟରେ ଆୟୋଜିତ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର-୨୦୨୪ ମଇ ୭ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରର ଉଦଘାଟନୀ ସମାରୋହ ମଇ ୭ ତାରିଖ ଦିନ ଇସ୍ପାତ ଷ୍ଟାଡିୟମଠାରେ ସକାଳ ୭ ଟା ସମୟରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀମାନଙ୍କୁ ଏହି ଶିବିରରେ ୧୪ ଟି କ୍ରୀଡା ବିଭାଗରେ ପ୍ରଶିକ୍ଷଣ ଦିଆଯିବ।

ଉକ୍ତ କ୍ରୀଡା ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ୫ମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକସିଂଗ, କ୍ରିକେଟ, ସାଇକ୍ଲିଂଗ, ଫୁଟବଲ, ହକି, କବାଡି ଏବଂ ଟେବୁଲ ଟେନିସ, କ୍ରୀଡାବର୍ଗରେ ତାଲିମ ଗ୍ରହଣ କରିବେ। ୧ଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଚେସରେ ଅଂଶଗ୍ରହଣ କରିପାରିବେ। ସପ୍ତମ ଶ୍ରେଣୀରୁ +୨ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଭଲିବଲ୍, ଭାରୋତ୍ତୋଳନ ଏବଂ ପାୱାର ଲିଫ୍ଟିଂ ପାଇଁ ନାମ ଲେଖାଇ ପାରିବେ। ଯୋଗ ଶିବିରରେ ସମସ୍ତ ବୟସବର୍ଗର ଛାତ୍ରଛାତ୍ରୀ ଭାଗ ନେଇପାରିବେ।

ଶିବିରର ସମୟ ନିର୍ଘଣ୍ଟ ସକାଳ ୬ ଟା ରୁ ୮ ଟା ପର୍ଯ୍ୟନ୍ତ ଧାର୍ଯ୍ୟ ରହିଛି। କେବଳ ଚେସ ଓ ଫୁଟବଲ ଖେଳର ଅଂଶଗ୍ରହଣକାରୀଙ୍କ ନିମନ୍ତେ ସମୟ ସନ୍ଧ୍ୟା ୪.୩୦ ରୁ ୬.୩୦ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଏଥିରେ ଅଂଶଗ୍ରହଣ ନିମନ୍ତେ ବିଦ୍ୟାଳୟଗୁଡିକ ନିଜନିଜ ଛାତ୍ରଛାତ୍ରୀମାନଙ୍କର ନିର୍ଦ୍ଧାରିତ ଏଣ୍ଟ୍ରି ଫର୍ମଗୁଡ଼ିକୁ ସେକ୍ଟର ୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ସ୍ଥିତ ଆରଏସପି କ୍ରୀଡା ବିଭାଗରେ ଦାଖଲ କରିପାରିବେ। ଏଣ୍ଟ୍ରି ଫର୍ମ ମଇ ୫ ତାରିଖ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଗ୍ରହଣ କରାଯିବ। ଏଥିସମ୍ବନ୍ଧୀୟ ଅଧିକ ବିବରଣୀ ନିମନ୍ତେ ଆରଏସପି କ୍ରୀଡା ବିଭାଗ ଅଫିସ କିମ୍ବା ମୋବାଇଲ ନମ୍ବର ୮୮୯୫୫୦୪୭୩୦ ଓ ୮୮୯୫୫୦୪୭୫୧୦ରେ ଯୋଗାଯୋଗ କରାଯାଇପାରିବ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-751032, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist-Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର